# ପିଲାଙ୍କ ଧରିତ୍ରୀ

ଶନିବାର, ୧୬ ଡିସେମ୍ବର, ୨୦୨୩




## ଖିଲି ଖିଲି ହସ

ବିଜୁ: ଯଦି ୧୦ଜଣ ମଜୁରିଆ ଗୋଟିଏ କାମକୁ ୧୫ଦିନରେ ସାରିଦିଅନ୍ତି ତେବେ ସେହି କାମକୁ ୫ଜଣ ମଜୁରିଆ କେତେ ଦିନରେ ସାରିବେ ।
ରୋହନ: ସେମାନେ କାମ କରିବେନି, ଘରକୁ ପଳାଇବେ।
ଅଙ୍କିତ: କାହିଁକି ?
ରୋହନ: ଯେତେବେଳେ ୧୦ଜଣ ମଜୁରିଆ ସେ କାମକୁ କରି ସାରିଦେଇଥିବେ, ତେବେ ଏ ପାଞ୍ଚଜଣ ଆସି କ'ଣ କରିବେ ?

ପିଙ୍କି : ରିକି, ଜାଣିଲୁ ମୋ ମାମୁ ସମସ୍ତଙ୍କୁ ସୁଖଦୁଃଖ ବାଣ୍ଟନ୍ତି।
ରିକି: ସେ ବହୁତ ହୃଦୟବାନ ଲୋକ ହୋଇଥିବେ ?
ପିଙ୍କି : ନା, ମୋ ମାମୁ ଜଣେ ପୋଷ୍ଟମ୍ୟାନ୍।

ଜାପୁ: ପପୁ, କହିଲୁ ଗଞ୍ଜାଟିଏ ଯଦି ଗୋଟିଏ ଦିନରେ ୨ଟି ଅଣ୍ଡା ଦିଏ, ତେବେ ଏହା ସପ୍ତାହରେ କେତୋଟି ଅଣ୍ଡା ଦେବ ?
ପପୁ: ସପ୍ତାହରେ ୧୪ଟି ଅଣ୍ଡା ଦେବ ।
ଜାପୁ: ଜମା ଅଣ୍ଡା ଦେବନି ! କାରଣ ଗଞ୍ଜା କେବେ ଅଣ୍ଡା ଦିଏନି !

# ବୁଦ୍ଧିରେ ଆଗୁଆ



### ଗପ

ନଦୀକୂଳରେ ବିଶାଳ ଜଙ୍ଗଲଟେ ଥିଲା। ଜଙ୍ଗଲରେ କେତେ ଜୀବଜନ୍ତୁ ବସବାସ କରୁଥିଲେ। ନଦୀପଠାରେ ବହୁତଗୁଡ଼ିଏ କଇଁଛ ରହୁଥିଲେ ଆଉ ନଦୀ ଭିତରେ ରହୁଥିଲେ ଗୋଟେ କୁମ୍ଭୀର ଦଳ। ଖରା ଖାଇବାକୁ ପଲପଲ କୁମ୍ଭୀର ଆସି ନଦୀପଠାରେ କଇଁଚଙ୍କ ଘର ଭାଙ୍ଗନ୍ତି। ଏଥିପାଇଁ କୁମ୍ଭୀର ଓ କଇଁଛଙ୍କ ମଧ୍ୟରେ ପ୍ରାୟ ସମୟରେ ଝଗଡ଼ା ଲାଗେ। କଇଁଛ ଦଳର ମୁଖିଆ ଦିନେ ଆସି ଜଙ୍ଗଲ ରାଜା ବାଘ ପାଖରେ ଅଭିଯୋଗ କଲେ। ବାଘ ମହାରାଜା ଭଲ ଭାବରେ ଜାଣନ୍ତି କୁମ୍ଭୀର ଦଳ କାହାରିକୁ ମାନନ୍ତି ନାହିଁ। କ'ଣ କରିବେ ଭାବିବା ବେଳକୁ ବିଲୁଆ ପହଞ୍ଚି ଯାଇ ଉପାୟ ବତେଇଲା। କହିଲା ଏ ସମସ୍ୟା ପାଇଁ ଆମକୁ ଗଣ୍ଡା ଆଉ ହାତୀଙ୍କ ସହାୟତା ନେବାକୁ ପଡ଼ିବ। ଆଉ ଶାଗୁଣା ଆକାଶରୁ କୁମ୍ଭୀରଙ୍କ ଗତିବିଧି ଉପରେ ନଜର ରଖିବେ। ସମସ୍ତଙ୍କ ମନକୁ କଥାଟା ପାଇଲା। ଯୋଜନା ମୁତାବକ ଶାଗୁଣାର ସହାୟତାରେ ଗଣ୍ଡା, ହାତୀ ମିଶି କୁମ୍ଭୀରଙ୍କୁ ତଡ଼ିଦେଲେ। କୁମ୍ଭୀର ଦଳ ଆଉ ନଦୀପଠା ଆଡ଼କୁ ଆସିଲେ ନାହିଁ। ଯୋଜନାଟି ସଫଳ ହେଲା।

ଦିନେ ଗୋଟେ ଦୁଷ୍ଟ ଦନ୍ତାହାତୀ ଜଙ୍ଗଲକୁ ପଶିଆସି ଖୁବ୍ ଗଛଡାଳ ଭାଙ୍ଗିଲା, ଖାଇବା ଅପେକ୍ଷା ବେଶି ନଷ୍ଟ କଲା। ଜଙ୍ଗଲ ଭିତରେ ଭାଳେଣି ପଡ଼ିଲା। ଠେକୁଆ, ହରିଣ, ଅଜଗର, ଭାଲୁ ଆଦି ସମସ୍ତେ ଚିନ୍ତାରେ ପଡ଼ିଗଲେ। କ'ଣ ଏବେ କରାଯିବ। କାହାରି ସାହସ ହେଉ ନ ଥାଏ ଦନ୍ତା ନିକଟକୁ ଯିବାକୁ। ବିଲୁଆ କିଛି ସମୟ ଭାବିକି କହିଲା ମୁଁ ଯାଉଛି ତା' ପାଖକୁ ଆଉ ଯେତେବେଳେ ତମ ଭିତରୁ ଜଣଙ୍କୁ ଡାକିବି ମୋ ପାଖକୁ ଆସିବ। ମୁଁ ଯାହା କହୁଥିବି ମୋ କଥାରେ ସେ ଖାଲି ହଁ କହୁଥିବ। ବିଲୁଆକୁ ଦେଖି ଦନ୍ତା ଗର୍ଜନ କଲା। ବିଲୁଆ କହିଲା ରାଗନି ଭାଇ ମୁଁ ତୁମର ଶୁଭଚିନ୍ତକ। ମୋ ସହିତ ଆସ ଗୋଟେ ଜାଗା ଦେଖେଇବି ଯୋଉଠି ଭରପୂର ଖାଇବାକୁ ମିଳିବ। ଦନ୍ତା ତ ଖାଦ୍ୟ ଲୋଭି, ବିଲୁଆ କଥା ଶୁଣି ତା' ପଛେ ପଛେ ଚାଲିଲା। ଆକାଶରେ ସେତେବେଳକୁ ଇନ୍ଦ୍ରଧନୁ ପଡ଼ିଥାଏ। ବିଲୁଆ କହିଲା ଭାଇ ଆକାଶରେ ଯୋଉ ରଙ୍ଗିନ ଆଲୁଅ ଦିଶୁଛି ତୁମକୁ ସେଇ ଦିଗରେ ଯିବାକୁ ହେବ। ଏ ଆଲୁଅ ଯୋଉଠି ସରିଛି ସେଇଠି ଅଛି ଫଳମୂଳରେ ପରିପୂର୍ଣ୍ଣ ଜଙ୍ଗଲ। ବହୁତ ଥର ସେଠି ମୁଁ ପେଟ ଭର୍ତ୍ତି ଖାଇଛି। ବିଲୁଆ ହରିଣକୁ ଡାକ ପକେଇଲା। ହରିଣ ଆସି ବିଲୁଆର ପାଳି ଧରିଲା। ଦନ୍ତା ଏଥର ଖୁସି ମନରେ ଧାଇଁଲା ଇନ୍ଦ୍ରଧନୁ ଦିଶୁଥିବା ଦିଗରେ। ତରତର ହୋଇ ଆଗକୁ ଆଗକୁ ଚାଲିଲା, ବାଟ କିନ୍ତୁ ସରୁ ନ ଥାଏ। ଦିନ ବୁଡ଼ି ରାତି ହେଲା, ଦନ୍ତାହାତୀ ଏତେ ଦୂରକୁ ଚାଲିଗଲା ଯେ ଆଉ ଫେରିପାରିଲା ନାହିଁ। ଏକଥା ଜାଣି ସମସ୍ତେ ଖୁସିରେ ନାଚିଲେ। ସମସ୍ତଙ୍କ ମୁହଁରେ ଥିଲା ଗୋଟିଏ କଥା ବୁଦ୍ଧିରେ ଆଗୁଆ ବିଲୁଆ ଭାଇଟି।

– ଦେବେନ୍ଦ୍ର କର
ମଙ୍ଗଳାବାଗ, ନିୟୋଗୀ କଲୋନି, କଟକ
ମୋ: ୯୯୩୭୯୬୩୯୧୦

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ମତାମତ

▸▸ କହିଲ ଦେଖି ସ୍ତମ୍ଭଟି ପଢ଼ିବାକୁ ମଜା ଲାଗୁଛି।

**–ପର୍ଶୁରାମ ସାହୁ, କାକଟପୁର**

▸▸ ଜଣା ଅଜଣା ପୃଷ୍ଠାରେ 'କ୍ଷୁଧା ମେଣ୍ଟାଇବାର ଅଭିନବ ପ୍ରୟାସ' ରୁ କେଉଁ ପ୍ରାଣୀମାନେ ଭୋକ ଲାଗିଲା ମାତ୍ରେ ନିଜ ମାଂସ ଖାଇଥାନ୍ତି ତାହା ପଢ଼ି ଆଶ୍ଚର୍ଯ୍ୟ ଲାଗିଲା।

**–ରଜତ୍ ମହାନ୍ତି, ବାଲେଶ୍ୱର**

▸▸ କବିତାଗୁଡିକ ମନଛୁଆଁ ହେବା ସହିତ ଶିକ୍ଷଣୀୟ ହୋଇପାରିଛି।

**–କଳ୍ପନା ରାଉତ, ଭଦ୍ରକ**

## ରଙ୍ଗ ଦିଅ



# କୁନି ପ୍ରତିଭା ଦେବସ୍ମିତା

ଛୋଟ ପିଲାଟି ଘରକୋଣରେ ଛିଡ଼ା ହୋଇ କ'ଣ ସବୁ ଗପିଯାଉଛି, ମନକୁ ମନ ହସୁଛି ଆଉ ବେଳେବେଳେ କାନ୍ଦିଲା ଭଳି ମୁହଁ କରୁଛି। ଯେମିତି କାହା ସଙ୍ଗେ କଥାବାର୍ତ୍ତା ହେଉଛି। କୌତୂହଳରେ ଶୁଣିବା ବେଳକୁ ସେସବୁ ଥିଲା ଅଭିନୟର ସଂଳାପ। ତା'ପରେ ଘରଲୋକେ ଜାଣିପାରିଲେ କି ତାଙ୍କ ଝିଅ ପାଖରେ ଅଭିନୟର କଳା ଅଙ୍କୁରିତ ହେବା ପାଇଁ ସୁଯୋଗ ଖୋଜୁଛି। ଏଥିପାଇଁ ସେମାନେ ସବୁ ପ୍ରକାର ସାହାଯ୍ୟ କରିବାକୁ ଆଗେଇ ଆସିଲେ। ସମସ୍ତଙ୍କ ସାହାଯ୍ୟ ସହଯୋଗରେ ଏବେ କଳା ଜଗତରେ ଜଣେ ଭିନ୍ନ ପ୍ରତିଭା ହୋଇ ପାରିଛନ୍ତି ଦେବସ୍ମିତା।

ସପ୍ତମ ଶ୍ରେଣୀର ଛାତ୍ରୀ ଦେବସ୍ମିତା ଦାସ (ପାପନ)। ଘର ଯାଜପୁର ମସୁଦପୁରର ବଡ଼ତ୍ରିଲୋଚନପୁର ଗାଁ। ବାପା ରାଧାଗୋବିନ୍ଦ ଦାସ ଜଣେ ବ୍ୟବସାୟୀ ଏବଂ କଳାକାର। ବିଭିନ୍ନ ସିରିଏଲରେ ଅଭିନୟ କରିବା ପରେ ଏବେ ସେ ସିନେମାରେ ମଧ୍ୟ ଅଭିନୟ କରୁଛନ୍ତି। ମାଆ ସୁଜାତା ପଣ୍ଡା ଗୃହିଣୀ। ଜଣେ ମେଧାବୀ ଛାତ୍ରୀଭାବେ ଶ୍ରେଣୀରେ ଦେବସ୍ମିତାଙ୍କ ପରିଚୟ ବି ରହିଛି। ତେବେ ପାଠ ସହିତ ସେ ଏବେ ଓଡ଼ିଆ ସିରିଏଲ୍‌ରେ ଅଭିନୟ କରୁଛନ୍ତି। ଜୀ ସାର୍ଥକ ଚ୍ୟାନେଲରେ ପ୍ରସାରିତ 'ତୋ ପାଇଁ ମୁଁ' ସିରିଏଲରେ କୁନି କଳାକାରଭାବେ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିପାରିଛନ୍ତି ସେ। ତେବେ ଅଭିନୟ କରିବା ପାଇଁ ପ୍ରଥମେ ତାଙ୍କ ବାପାଙ୍କଠାରୁ ପ୍ରେରଣା ପାଇଛନ୍ତି ବୋଲି କୁହନ୍ତି। ଅଭିନୟ ଦୁନିଆରେ ଦେବସ୍ମିତାଙ୍କ ପ୍ରତିଭା ବେଶ୍ ପ୍ରଭାବଶାଳୀ। ସେଥିପାଇଁ ତ ଏବେ ତାଙ୍କ ପାଖରେ ଆହୁରି ଅନେକ ସିରିଏଲର ଅଫର ରହିଛି। ତେବେ ପାଠପଢା ସହିତ ଅଭିନୟ ଜାରି ରଖିବା ପାଇଁ ଏବେ ସେ ଭାବିଚିନ୍ତି କାମ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଅନ୍ୟପଟେ ନୃତ୍ୟ ଓ ଡ୍ରାମା ସ୍କୁଲରେ ସ୍ୱତନ୍ତ୍ରଭାବେ ତାଲିମ ନେବା ମଧ୍ୟ ଆରମ୍ଭ କରିଛନ୍ତି। ଅଭିନୟ ପ୍ରତି ତାଙ୍କର ସ୍ୱତନ୍ତ୍ର ଆକର୍ଷଣ ତ ରହିଛି କିନ୍ତୁ ଭବିଷ୍ୟତରେ ସେ ଉଚ୍ଚଶିକ୍ଷା ଲାଭକରି ଆଇଏଏସ୍ କିମ୍ବା ଜଜ୍ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି।



ବେଳେବେଳେ କେତେକ ପିଲା ନିଜ କଥାରେ ଅଡ଼ିବସନ୍ତି ଯେତେ ବୁଝାଇଲେ ବି କୌଣସି କଥାକୁ ସେମାନେ ଗ୍ରହଣ କରି ନ ଥାଆନ୍ତି ଏପରିକି ପରବର୍ତ୍ତୀ ସମୟରେ ତାହା ଏକ ଅଭ୍ୟାସରେ ପରିଣତ ହୋଇଯାଏ। ଏଭଳି ଜିଦ୍‌ଖୋର ପିଲାଙ୍କୁ କିପରି ବୁଝାଇବେ ସେ ସମ୍ପର୍କରେ ଟିପ୍ସ...

# ପିଲା ଜିଦ୍ କରୁଥିଲେ...







## ଥଣ୍ଡା ମିଜାସ୍‌ରେ ବୁଝାନ୍ତୁ

ସାଧାରଣତଃ ମାତାପିତାଙ୍କ ସହିତ ପିଲା ବୁଲିବାକୁ ଯିବା ମାତ୍ରେ କେତେକ ଜିନିଷ କିଣିବାକୁ ହେଉ ଅବା ଖାଇବାକୁ ଜିଦ୍ ଧରି ବସନ୍ତି। ଏଇଟା କିଣିବି ସେଇଟା କିଣିବି କହି ନିଜ ଜିଦ୍‌ରୁ ଓହରି ନ ଥା'ନ୍ତି। ଏମିତିରେ ଦୋକାନ ହେଉ କି ମଲ୍ ଅଥବା ଜନଗହଳି ସ୍ଥାନରେ ପିଲାଙ୍କର ଏଭଳି ଅଭ୍ୟାସ ମା'ବାପାଙ୍କୁ ଅଡୁଆରେ ପକାଇଥାଏ। ସେହି ସମୟରେ ପିଲାଙ୍କୁ ଆକଟ ନ କରି ତାକୁ ଥଣ୍ଡା ମିଜାସ୍‌ରେ ବୁଝାନ୍ତୁ। କାରଣ ଯଦି ତାକୁ ରାଗି କିଛି କହିଲେ ହୁଏତ ପରିସ୍ଥିତି ଆହୁରି ଜଟିଳ ହୋଇପାରେ। କିଛି ପିଲାଙ୍କର ସ୍ୱଭାବ ପିଲାଟି ଦିନରୁ ଭିନ୍ନ ଥାଏ। ଏମିତିରେ ପିଲା ବହୁତ କଥାରେ ଘରେ ଜିଦି କରି ବସନ୍ତି। ଏପରିକି ବାହାରେ ବି ବେଳେବେଳେ ଜିଦି କରି ବସନ୍ତି। ଯଦି ଆପଣଙ୍କ ପିଲା ଅଧିକ ଜିଦି ସ୍ୱଭାବର ତେବେ, ବିରକ୍ତ ନ ହୋଇ ସେଭଳି ଅଭ୍ୟାସ କିପରି ବଦଳିବ ଚେଷ୍ଟା କରନ୍ତୁ।



## କଥାବାର୍ତ୍ତା

ପିଲାଙ୍କ ଜିଦି କରିବା ଦେଖି ମାତାପିତା ନିଜର ନିୟନ୍ତ୍ରଣ ହରାଇ ବସନ୍ତି। ଏହା ସହିତ ସେମାନେ ପିଲାଙ୍କୁ ଜବରଦସ୍ତି ଜିଦି କରିବାରୁ ବାରଣ କରନ୍ତି। କିନ୍ତୁ ମାତାପିତାଙ୍କ ଏ ବ୍ୟବହାର ଦେଖି ସେ ଆହୁରି ଜିଦି କରିବାକୁ ଲାଗେ। ଏଥିପାଇଁ ପିଲା ଯଦି ଜିଦି କରୁଛି, ତେବେ ପ୍ରଥମେ ନିଜର ଧୈର୍ଯ୍ୟ ରଖନ୍ତୁ। ତା' ସହ ସ୍ନେହଭରା କଥା ହୁଅନ୍ତୁ। ହୁଏତ ତାହା ଦ୍ୱାରା ପିଲାଟିର ସ୍ୱଭାବରେ ପରିବର୍ତ୍ତନ ଆସିବ।

## କାରଣ ଜାଣନ୍ତୁ

ବେଳେବେଳେ ମାର୍କେଟରେ ଛୋଟ ଛୋଟ ଜିନିଷକୁ ପିଲା ନେଇ ଜିଦି କରି ବସନ୍ତି। କିନ୍ତୁ ମାତାପିତା ତରବରିଆ ଭାବେ ପିଲାର ଡିମାଣ୍ଡକୁ ଅଣଦେଖା କରିଦିଅନ୍ତି। ଯାହାଫଳରେ ପିଲାଙ୍କ ପାଖରେ ଜିଦି କରିବା ଛଡ଼ା ଅନ୍ୟ କିଛି ଉପାୟ ନଥାଏ। ଏହାଦ୍ୱାରା ପିଲାର ଧୀରେଧୀରେ ଜିଦି କରିବା ଅଭ୍ୟାସ ହୋଇଯାଏ। ଏମିତିରେ ପିଲା ଯଦି ବାହାରକୁ ଯାଉଛି, ତେବେ ତା' କଥାକୁ ଅଣଦେଖା କରନ୍ତୁ ନାହିଁ। ପିଲାଟି କାହିଁକି ଏଭଳି ଜିଦ୍ କରୁଛି ତାହାର କାରଣ ଜାଣନ୍ତୁ।

## ସ୍ମାର୍ଟନେସ ସହିତ ଡିଲ୍ କରନ୍ତୁ

ପିଲାଙ୍କୁ ଜବରଦସ୍ତି ଗାଳି କରି ଚୁପ କରିବା ବଦଳରେ ତାକୁ ଅନ୍ୟ କୌଣସି ଜିନିଷର ଲୋଭ ଦେଖାଇ ଗୋଟିଏ ଜିନିଷ ଦେଇ ତାକୁ ଜିଦ୍‌ରୁ ଦୂରେଇ ପାରିବେ। ଯଦି ପିଲା ଦାମୀ ଖେଳଣା ଲାଗି ଜିଦି କରେ, ତେବେ ତା' ସାମ୍ନାରେ ଅନ୍ୟ ଦର୍ଶନୀୟ ସ୍ଥାନକୁ ବୁଲିଯିବା କିମ୍ବା ତା' ପସନ୍ଦ ଜିନିଷ ଖାଇବାର ଲୋଭ ଦେଖାନ୍ତୁ। ଏହାଦ୍ୱାରା ପିଲାର ମନୋଭାବର ପରିବର୍ତ୍ତନ ଆସିପାରେ।

## ପିଲାଙ୍କୁ ମନପସନ୍ଦର ଖାଦ୍ୟ ଖୁଆନ୍ତୁ


ବେଳେବେଳେ ଭୋକ ଲାଗିବା କାରଣରୁ ପିଲାମାନେ ଚିଡ଼ିଚିଡ଼ା ହୁଅନ୍ତି। ଗୋଟିଏ ଜିନିଷକୁ ନେଇ ଜିଦି କରି ବସନ୍ତି। ଏମିତିରେ ଘରୁ ବାହାରକୁ ବାହାରିବା ସମୟରେ ପିଲାକୁ ନିଜ ପସନ୍ଦର ଖାଦ୍ୟ ସାଙ୍ଗରେ ନେଇକି ଯାଆନ୍ତୁ। ଯାହାଫଳରେ ପିଲାର ପେଟ ଭରି ହୋଇ ରହିବ, ସେମାନଙ୍କ ମୁଡ୍ ବି ଭଲ ରହିବ, ଯାହାଫଳରେ ପିଲା ଫାଲତୁ ଜିନିଷକୁ ନେଇ ଜିଦି କରିବ ନାହିଁ।

## ଧୀର, ଶାନ୍ତ ଉପାୟରେ ପିଲାଙ୍କୁ ବୁଝାନ୍ତୁ : (ଭୁବନେଶ ବୈଶାଖ, ସହକାରୀ ପ୍ରଫେସର, ମନସ୍ତତ୍ତ୍ୱ ବିଭାଗ, ପଞ୍ଚାୟତ କଲେଜ, ବରଗଡ)




ସାଧାରଣତଃ ପିଲାମାନେ କୋମଳମତି। ଦିନକୁ ଦିନ ସବୁ କିଛି ପରିବର୍ତ୍ତନ ହେଉଛି। ଆଉ ତା' ସହ ପାଦ ମିଳାଇ ପିଲାମାନଙ୍କର ବିଭିନ୍ନ କ୍ଷେତ୍ରରେ ଉନ୍ନତି ଦେଖିବାକୁ ମିଳୁଛି। ଅନେକ ସମୟରେ ଛୋଟ ପିଲାଟିଏ କୌଣସି କଥାକୁ ନେଇ ଜିଦ୍ ଧରିବା କିଛି ନୂଆ କଥା ନୁହେଁ। ତେବେ ଏହି ସମୟରେ ପିଲାଟିର ଜିଦ୍ କେତେ ଯୁକ୍ତିଯୁକ୍ତ ତାହା ଅନୁଧ୍ୟାନ କରନ୍ତୁ। ଆଜିକାଲି ଅନେକ ପିଲା ମା-ବାପାଙ୍କୁ କିପରି ଇମୋଶନାଲ କରି ନିଜ ଜିଦ୍ ପୂରଣ କରିବେ ତାହାର କାଇଦା ତାଙ୍କୁ ଜଣା। ତେଣୁ ଏହି ସମୟରେ ଧୀର ଏବଂ ଶାନ୍ତ ମନରେ ନିଷ୍ପତ୍ତି ନିଅନ୍ତୁ। କେତେକ ପିଲାଙ୍କର ଗୋଟିଏ ଜିଦ୍‌କୁ ପୂରଣ କରିଦେଲେ ସେମାନେ ଭାବନ୍ତି ଆମେ ଯାହା କହିବୁ ତାହାକୁ ମା'-ବାପା ନିଶ୍ଚୟ ପୂରଣ କରିବେ। ତେଣୁ ସେମାନଙ୍କ ମନରୁ ଏଭଳି ଧାରଣା କିପରି ଦୂର ହେବ ଯୋଜନା କରନ୍ତୁ। ଜିଦ୍ କଲେ ତାହାର ଫଳ କ'ଣ ହୁଏ ତାହା ସେମାନଙ୍କୁ ଏଭଳି ବୁଝାନ୍ତୁ, ଯେମିତି ସେମାନେ ଏହାକୁ ଭବିଷ୍ୟତରେ ଅଭ୍ୟାସରେ ପରିଣତ କରିବେ ନାହିଁ। ଜିଦ୍ ଖୋର ପିଲାଙ୍କୁ କିଛି କାମ କରିବାକୁ କୁହନ୍ତୁ। ଏହାଦ୍ୱାରା ସେମାନଙ୍କର ମନ ଆଉ ଜିଦ୍‌ରେ କେନ୍ଦ୍ରିତ ହୋଇ ରହିବ ନାହିଁ। ସେମାନେ ଯଦି ନିଜ ଜିଦ୍ ପୂରଣ ପାଇଁ ଅଡି ବସିଛନ୍ତି ତେବେ କିଛି ସମୟ ଚୁପ ରହିଯାଆନ୍ତୁ। ଏହାଦ୍ୱାରା ସେମାନଙ୍କର ମନୋଭାବରେ କିଛି ପରିବର୍ତ୍ତନ ଲକ୍ଷ୍ୟ କରିବେ।





୧



୨




୬



୩




୪



୫



୭



୧ **ଦିଶା ସାମଲ**
କ୍ଲାସ୍– ୪,
ଭେଙ୍କଟେଶ୍ୱର ସ୍କୁଲ,
ଯାଜପୁର ଟାଉନ,
ଯାଜପୁର

୨ **ଏମ୍. ଟି. ଆଶୁତୋଷ**
କ୍ଲାସ୍– ୬, ମଡେଲ
ପବ୍ଲିକ ସ୍କୁଲ, କୁଜଙ୍ଗ,
ଜଗତ୍‌ସିଂହପୁର





୩ **ଅନ୍ୱେଷା ସାମଲ**
କ୍ଲାସ୍–୯,
ଦଶରଥପୁର ଉଚ୍ଚ
ବିଦ୍ୟାଳୟ,
ଯାଜପୁର

୪ **ଆଦିତ୍ୟ ବେହେରା**
କ୍ଲାସ୍– ୧,
କେନ୍ଦ୍ରୀୟ ବିଦ୍ୟାଳୟ,
ଜଟଣୀ,
ଖୋର୍ଦ୍ଧା





୫ **ଆୟୁଷ ମିଶ୍ର**
କ୍ଲାସ୍–୮, ବକ୍ସି ଜଗବନ୍ଧୁ
ଇଂଲିଶ ମିଡିୟମ୍
ସ୍କୁଲ, ବିଜେବି ନଗର,
ଭୁବନେଶ୍ୱର

୬ **ଅମିୟ ରଞ୍ଜନ ଦାସ**
କ୍ଲାସ୍– ୫, ସଂସ୍କାର
ପବ୍ଲିକ ସ୍କୁଲ,
ଭବାନୀପାଟଣା,
କଳାହାଣ୍ଡି





୭ **ସୌମ୍ୟରଞ୍ଜନ ବେହେରା**
କ୍ଲାସ୍–୫, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
କାକଟପୁର, ପୁରୀ

# ଶୀତ ସକାଳ

ଶିଶିର ଭିଜା ଏ ଶୀତୁଆ ସକାଳେ
ବହୁଛି ଶୀତଳ ବାଆ,
ଉଠ ଉଠ ବୋଲି ଛାତ ପରେ ବସି
କାଉ ରାବେ କାଆ କାଆ ।
ମା' ଡାକଦେଲେ ଉଠିଯା ବାବୁନି
ବିଦ୍ୟାଳୟେ ଯିବୁ ପରା,
ବାବୁନି କହୁଛି ଉଠିବିନି ଏବେ
ପଡ଼ିଯାଉ ଟିକେ ଖରା ।
ଶୀତ କାକରକୁ ଖାତିର ନ କରି
ଚଷା ଭାଇ କ୍ଷେତେ ଛିଡ଼ା,
ଦାଆରେ କାଟି ସେ ପାଚିଲା ଧାନକୁ
ବାନ୍ଧୁଛି କଳେଇ ବିଡ଼ା ।
ଦାମୀ ଶୀତବସ୍ତ୍ର ପିନ୍ଧି ବାବୁମାନେ
ନେଉଛନ୍ତି ଶୀତ ମଜା,
ଛକ ବଜାରରେ ଚା' କଫି ପିଇ
ରଖୁଛନ୍ତି ଦେହ ତାଜା ।
ନୂଆ ଚାଉଳକୁ ବାଟି ନାରୀମାନେ
କାଛେ ଦେଲେ ଝୋଟି ଚିତା,
ଖଟୁଲି ଉପରେ ଧାନ ମାଣ ଥୋଇ
ପୂଜିଲେଣି ଲକ୍ଷ୍ମୀମାତା ।

**– ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

# ଶୀତ

ବିରଷା ଝଡ଼ି ଯାଇଛି ଛାଡ଼ି
ଆସିଛି ମାଡ଼ି ଶୀତ
କାକର ଭିଜା ଥଣ୍ଡା ପବନେ
ଦାନ୍ତରେ ବାଜେ ଦାନ୍ତ ।
ଗେଣ୍ଡୁ ଗୋଲାପ ଗଙ୍ଗଶିଉଳି
ଫୁଟିଛି ଡାଳେ ଡାଳେ
କଅଁଳ ଲତା ଉପରେ ହସି
ଅପରାଜିତା ଖେଳେ ।
ସଞ୍ଜ ନଇଁଲେ ଚାଷ କ୍ଷେତରୁ
କୃଷକ ଥରି ଥରି
ଧାନ କଟାରୁ ଆସଇ ଫେରି
ହାତରେ ଦାଆ ଧରି ।
ଗରମ ମୁଢ଼ି ସଙ୍ଗେ ନଡ଼ିଆ
ଶୀତେ ପଡ଼ଇ ଖୋଜା
ଶୀତଳ ସିନା ଶୀତ ଲହରି
ଲାଗଇ ଭାରି ମଜା ।

**– ପ୍ରଦୀପ କୁମାର ଜେନା**
ଜଟଣୀ, ଖୋର୍ଦ୍ଧା
ମୋ: ୯୩୪୮୪୧୭୬୬୦



କ
ବି
ତା

# ଦେହକୁ ହିତ

ନିଇତି ସକାଳେ ଖାଲି ପେଟରେ
ଗିଲାସେ ଉଷୁମ ପାଣି
ଅଭ୍ୟାସ କରିକି ପିଇବା ଯଦିରେ
ଉପକାର ଯିବା ଜାଣି ।
କୋଷ୍ଠ କାଠିନ୍ୟ ଗ୍ୟାସ ଏସିଡିଟି
ଆଦି ଯଦି କିଛି ଥିବ
ଉଷୁମ ପାଣିକୁ ପିଇଲେ ନିଶ୍ଚୟ
ଅସୁବିଧା ତା'ର ଯିବ ।
ଅଭ୍ୟାସ କରିକି ଉଷୁମ ପାଣିକୁ
ନିତି ଯଦି ପିଉଥିବା
କେତେ କେତେ ରୋଗ ଉପଶମ ହେବ
ଖୁସି ହୋଇ ଚଳିଯିବା ।

**– କୀର୍ତ୍ତନ ସାହୁ**
ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ଗଛ ପରି

ଆସ ସର୍ବେ ଗଛ ପରି ଉପକାରୀ ହେବାରେ
ମନ ଊଣା ନ କରିବା ଅନ୍ୟକୁ ତ ଦେବାରେ,
ତା' ପରିକା ବିଷ ଶୋଷି ବିତରିବା ପୀୟୂଷ
ପର ଖୁସି ଲାଗି ଆମେ ସାରି ଦେବା ଆୟୁଷ,
ସଜାଇବା ପରିବେଶ ସୁବାସିତ ଫୁଲରେ
ମିଶିବା ସଭିଙ୍କ ସାଥେ ଆମେ ସଦା ଭଲରେ,
ଏ ଧରାରେ ଭରିଦେବା ସରଗର ସୁଷମା
ଆଖିରେ ପିନ୍ଧିବା ଆମେ ସେନେହର ଚଷମା,
ଏଇ ଦୁନିଆରେ ଆମେ ସଭିଏଁ ତ ସମାନ
ଜଗତ କରତା ପ୍ରଭୁ ଅଟନ୍ତି ତ ମହାନ୍,
ତାଙ୍କ ପାଦେ ସଭିଏଁ ତ ନେବା ଆସ ଶରଣ
ଗଛ ପରି ସବୁ ବିଷ କରିବେ ସେ ହରଣ ।

**– ପ୍ରଦୀପ୍ତ କୁମାର ଦାସ**
କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର
ମୋ: ୮୫୯୪୮୮୫୮୯୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ଡିଜିଟାଲ ଫଟୋ ପ୍ରଦର୍ଶନୀ

ସବୁଠୁ ବଡ଼ ଫଟୋ ପ୍ରଦର୍ଶନୀ । ଏକା ସାଙ୍ଗରେ ୧,୧୫,୧୧୭ଟି ଡିଜିଟାଲ ଫଟୋ ପ୍ରଦର୍ଶନ କରାଯାଇଥିଲା ମେକ୍ସିକୋର ମନୁମେଣ୍ଟୋ ଏ ଲା ରିଭଲ୍ୟୁଶନଠାରେ । ମେକ୍ସିକୋର ଏକ ସଙ୍ଗଠନ ଗ୍ରୁପୋ ହର୍ଦେଜ ବିଭିନ୍ନ ସ୍ଥାନରୁ ୩ ମାସ ପର୍ଯ୍ୟନ୍ତ ଏହାକୁ ସଂଗ୍ରହ କରି ପ୍ରଦର୍ଶିତ କରିଥିଲା । ସାଧାରଣ ଲୋକଙ୍କ ପାଇଁ ଏହିସବୁ ଫଟୋ ପ୍ରଦର୍ଶନ କରିବା ନିମନ୍ତେ ଏଲ୍ଇଡି ସ୍କ୍ରିନ୍ ମଧ୍ୟ ଲଗାଯାଇଥିଲା । ଏକ ସମୟରେ ଏତେଗୁଡ଼ିଏ ଫଟୋ ସଂଗ୍ରହ କରିବା ଏବଂ ସେସବୁକୁ ଏଲ୍ଇଡି ସ୍କ୍ରିନ୍ ମାଧ୍ୟମରେ ପ୍ରଦର୍ଶିତ କରିବା ନିଶ୍ଚିତଭାବେ ଏକ ଭିନ୍ନ ଧରଣର କାମ । ସେଥିପାଇଁ ମେକ୍ସିକୋର ଏହି ପ୍ରଦର୍ଶନୀ ବିଶ୍ୱର ସବୁଠୁ ବଡ଼ ଡିଜିଟାଲ ଫଟୋ ପ୍ରଦର୍ଶନୀ ଭାବେ ୨୦୧୨ ମସିହାରେ ଗିନିଜ୍ ରେକର୍ଡ୍ସରେ ସ୍ଥାନ ପାଇଛି ।

# ଏଥରର

- ଜାପାନରେ ପ୍ରଚଳିତ ମୁଦ୍ରାର ନାମ ?
- କେଉଁ ହ୍ରଦ ଉଭୟ ପେରୁ ଏବଂ ବଲିଭିଆ ଦେଶର ସୀମାକୁ ଲାଗିରହିଛି ?
- ଧାତବ ନୁହେଁ କିନ୍ତୁ ବିଦ୍ୟୁତ୍ ସୁପରିବାହୀ ?
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିବସକୁ କେଉଁ ନାମରେ ପାଳନ କରାଯାଉଛି ?
- ସୂର୍ଯ୍ୟପୃଷ୍ଠରେ ମୁଖ୍ୟତଃ କେଉଁ ଗ୍ୟାସ ରହିଛି ?

## ଗତଥରର ଉତ୍ତର

- ୪ ଗୁଣ
- ଅମାବାସ୍ୟା
- ମିଶର
- ସାଉଦି ଆରବ
- ନୂଆଦିଲ୍ଲୀ

## କହିଲ ଦେଖି

ଦୁଇଟି ଧର୍ମର ଇଷ୍ଟ ନାମ ନେଇ
ମାନବ ଥୋଇଛି ଘଣ୍ଟାରେ ସେହି
ଶେଯରୁ ଆଗୁଆ ଉଠିବା ପାଇଁ
ଅଳସୁଆ ଦେଲେ ତାକୁ ଜଣାଇ
ଠିକଣା ସମୟେ ଦିଏ ଉଠାଇ
କିଏ ଦେଖି ଦେଲ ନାମ ବତାଇ ?

ଉ– **ଆଲାର୍ମ**




ପୂଜା ବେଳେ ଥାଏ ପୂଜକ ହାତେ
ମନ୍ତ୍ର ଗାଇଲେ ସେ ବଜାଏ ମୋତେ
ମୋ ଶବଦ ଶୁଣି ଭକ୍ତିଏ ଆସି
ପ୍ରଭୁଙ୍କୁ ଜଣାଏ ତା' ଦୁଃଖ କେତେ
କେ କହିଲ ଦେଖି ମୁଁ କିଏ ସତେ ?

ଉତ୍ତର – **ଘଣ୍ଟି**



ଛୋଟ ଯାନ ଅବା ସେ ବଡ଼ ଯାନ
ତା' ଦେହରେ ଥାଏ ମୋହରି ପ୍ରାଣ
ଚାଳକ ଜାଣିଛି ମୋତେ
ଦୁର୍ଘଟଣାଟିକୁ ଏଡ଼ାଇ ଦେବାକୁ
ଚାଳକ ଚିପଇ ମୋତେ
ଶୁଣି ମୋ ଶବଦ ପଥିକ ପଥରେ
ଜୀବନକୁ ଦିଏ ସୁରକ୍ଷା ସେତେ
ଯିଏ କହିଦେବ ମୋର ନାମଟିକୁ
ଚାଲିବ ଭଲରେ ପଥେ ?

ଉତ୍ତର– **ହର୍ନ /ପେଁକାଳି**



**– ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

# ମହାକାଶରେ କିପରି ଗାଧାନ୍ତି ମହାକାଶଚାରୀ




ମହାକାଶଚାରୀମାନେ ମହାକାଶକୁ ଯିବା ପରେ ସେଠାରେ କେତେକ ବିଷୟ ପ୍ରତି ସଚେତନ ରହିଥାନ୍ତି । ହୁଏତ କେତେକ ଭାବିପାରନ୍ତି ଯେ ସେମାନେ ସେଠାରେ ଗାଧାନ୍ତି କି ? କିନ୍ତୁ ଏଇଠି ଗୋଟିଏ କଥା ସୂଚାଇ ଦେବା ଠିକ୍ ହେବ। ମହାକାଶରେ କୌଣସି ଜିନିଷକୁ ତଳକୁ ଫୋପାଡିଲେ ତାହା ଶୂନ୍ୟରେ ଭାସି ବୁଲେ। ଏପରି କି ପାଣି ବି ସେଥିରୁ ବାଦ୍ ପଡି ନ ଥାଏ। ମାଧ୍ୟାକର୍ଷଣ ବଳ ନ ଥିବାରୁ ସେଠାରେ ଏପରି ହୋଇଥାଏ। କିନ୍ତୁ ପୃଥିବୀ ପୃଷ୍ଠରେ କୌଣସି ଜିନିଷକୁ ଉପରକୁ ଫୋପାଡିଲେ ତାହା ମାଧ୍ୟାକର୍ଷଣ ବଳ ଯୋଗୁଁ ତଳକୁ ଖସିପଡିଥାଏ। ତେବେ ମହାକାଶରେ ମହାକାଶଚାରୀମାନେ ଗାଧାନ୍ତି କିପରି ? ଯଦି ସେମାନେ ପାଣି ଢାଳିହୋଇ ଗାଧୋଇବେ, ତେବେ ତାହା ତ ଉପରେ ଭାସି ବୁଲିବ। ସେଥିପାଇଁ ସେମାନେ ତଉଲିଆକୁ ଓଦା କରି ସେଥିରେ ପୋଛି ହୋଇଥାଆନ୍ତି। ସେମାନେ କେଶକୁ ବିନା ପାଣିରେ ବ୍ୟବହାର କରାଯାଉଥିବା ଶାମ୍ପୋରେ ଧୁଅନ୍ତି। ଆଉ ଏଭଳି ଶାମ୍ପୋରେ ଆଦୌ ଫେଣ ହୋଇ ନ ଥାଏ। ସେମାନେ ହାତ କିପରି ଧୁଅନ୍ତି ଜାଣିଛ ? ସେମାନେ ଏଥିପାଇଁ ଲିକ୍ୟୁଇଡ୍ ସାବୁନ୍ ବ୍ୟବହାର କରନ୍ତି।

# ରେଲୱେ ଷ୍ଟେଶନରେ ପ୍ରବେଶ ପାଇଁ ଭିସା

ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଯାତ୍ରା କରିବା ସମୟରେ ଭିସାର ଆବଶ୍ୟକ ପଡିଥାଏ। ଯେଉଁ ଦେଶକୁ ଯିବେ ସେଠାକାର ଭିସା ଆଉ ନିଜ ଦେଶର ପାସ୍‌ପୋର୍ଟ ଏଥିପାଇଁ ନିହାତି ଜରୁରୀ। କିନ୍ତୁ ରେଲୱେ ଷ୍ଟେଶନରେ ପ୍ରବେଶ କରିବାକୁ ଭିସାର ଆବଶ୍ୟକତା ପଡେ। ଏକଥା ହୁଏତ ଆଶ୍ଚର୍ଯ୍ୟାନ୍ୱିତ କରିପାରେ। ହେଲେ ତାହା ସତ। ଏଭଳି ନିୟମ ଆମ ଦେଶରେ ହିଁ ରହିଛି। ପଞ୍ଜାବର ଅମୃତସର ନିକଟସ୍ଥ ଅଟାରି ରେଲୱେ ଷ୍ଟେଶନରେ ଏଭଳି ନିୟମ ରହିଛି। କାରଣ ଏଠାରୁ ଟ୍ରେନ୍ ପଡୋଶୀ ପାକିସ୍ତାନକୁ ଯାଇଥାଏ। ତେଣୁ ଏହି ଷ୍ଟେଶନ ମଧ୍ୟରେ ଯାତ୍ରା କରିବାକୁ ହେଲେ ପ୍ରଥମେ ଆପଣଙ୍କୁ ଭିସା ଏବଂ ପାସପୋର୍ଟ ଯୋଗାଡ କରିବାକୁ ପଡିବ। ଏପରି କି ଯେଉଁ ରେଲୱେ ଯାତ୍ରୀ ଦିଲ୍ଲୀ କିମ୍ବା ଅମୃତସରରୁ ପାକିସ୍ତାନ ଯିବେ, ସେମାନଙ୍କୁ ଏହି ନିୟମ ପାଳନ କରିବାକୁ ହିଁ ପଡିବ। ଯେହେତୁ ଏହି ରେଲୱେ ଷ୍ଟେଶନ ଭାରତ-ପାକିସ୍ତାନ ସୀମାରେ ଅବସ୍ଥିତ। ତେଣୁ ଏହାକୁ ସ୍ୱତନ୍ତ୍ର ନିରାପତ୍ତା ବଳୟ ଭିତରେ ରଖାଯାଇଛି। ଗୁଇନ୍ଦା ସଂସ୍ଥାର କର୍ମଚାରୀ ଏଠାରେ ସାଦା ପୋଷାକରେ ବୁଲିଥାଆନ୍ତି।





# ରହସ୍ୟମୟ ଘାଟି



ପାହାଡିଆ ଅଞ୍ଚଳରେ ଯାତାୟାତ ସମୟରେ ଘାଟି ଦେଇ ଯିବାକୁ ପଡିଥାଏ। ଏହି ରାସ୍ତାରେ ଆତଯାତ ବେଶ୍ ବିପଦପୂର୍ଣ୍ଣ। ହେଲେ ଅରୁଣାଚଳ ପ୍ରଦେଶ ଏବଂ ତିବ୍ବତ ମଧ୍ୟରେ ଏଭଳି ଏକ ଘାଟି ଅଛି, ଯାହାକୁ ରହସ୍ୟମୟ ଘାଟି ବୋଲି କୁହାଯାଏ। ଉକ୍ତ ଘାଟିର ନାମ ହେଲା 'ସାଙ୍ଗରୀ-ଲା ଘାଟି'। ଏହା ଭିତରକୁ ଥରେ ପ୍ରବେଶ କରିଗଲେ ଆଗକୁ ରାସ୍ତା କୁଆଡେ ଯାଇଛି ତାହା ଅନୁମାନ କରିବା କଷ୍ଟକର ହୋଇଥାଏ। ଏପରି କେତେକ ବିଦ୍ୱାନ୍ ଏହି ଘାଟି ମହାକାଶ ଆଡ଼କୁ ଯାଉଛି ବୋଲି ମତ ଦିଅନ୍ତି। ଏଭଳି ଘାଟିକୁ କେହି କେହି ମୃତ୍ୟୁର ମୁଖ ବୋଲି କହିଥାଆନ୍ତି। କେତେକ ବିଶେଷଜ୍ଞ ଏହି ଘାଟିର ରହସ୍ୟ ବିଷୟରେ ଜାଣିବା ପାଇଁ ପ୍ରୟାସ କରି ବିଫଳ ହୋଇଛନ୍ତି। କେତେକ ଏହା ଭିତରକୁ ପ୍ରବେଶ କରି ଆଉ ଫେରି ନ ଥିବା ଜଣାପଡିଛି। ସାଙ୍ଗରୀ-ଲା ଝରଣା ନିକଟରେ ଏହି ଘାଟି ଅବସ୍ଥିତ ହୋଇଥିବାରୁ ତାହାର ନାମକରଣ ଏଭଳି କରାଯାଇଛି। ଏହି ଝରଣାର ଚଉଡା ପାଖାପାଖି ୧.୫ କିମି। ତେଣୁ ଏଭଳି ରହସ୍ୟମୟ ଘାଟିରେ ଯିବା ଆସିବା କରିବାକୁ କେହି ଉଚିତ ମଣି ନ ଥାନ୍ତି।

# ଦୁଇଟି ଦେଶ ଗୋଟିଏ ରାଜଧାନୀ

ସାଧାରଣତଃ ଗୋଟିଏ ଦେଶର ଗୋଟିଏ ରାଜଧାନୀ ଥାଏ। ହେଲେ ଏଭଳି ଏକ ସହର ରହିଛି, ଯାହାକୁ ଦୁଇଟି ଦେଶର ରାଜଧାନୀ ଭାବରେ ଗଣନା କରାଯାଏ। ସେହି ସହରଟି ହେଲା ରୋମ୍। ଏହା ବିଶ୍ୱର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଭାବରେ ମଧ୍ୟ ପରିଚିତ। ଇଟାଲୀ ଏବଂ ଭାଟିକାନ୍ ସିଟିର ରାଜଧାନୀ ହେଉଛି ରୋମ୍। ୧୮୭୧ରେ ଏହି ସହରକୁ ଇଟାଲୀର ରାଜଧାନୀ ଭାବରେ ଘୋଷଣା କରାଯାଇଥିଲା। ରୋମ୍‌କୁ 'ଚର୍ଚ୍ଚର ସହର' ବୋଲି କୁହାଯାଏ। କାରଣ ଏଠାରେ ପାଖାପାଖି ୯୦୦ଟି ଚର୍ଚ୍ଚ ରହିଛି, ପୁଣି ସେଗୁଡିକ ମଧ୍ୟରୁ କେତେକ ଶହେ ବର୍ଷରୁ ଅଧିକ ପୁରୁଣା। କେବଳ ସେତିକି ନୁହେଁ, ଏଠାରେ ୨୦୦ରୁ ଅଧିକ ଛୋଟ ଝରଣା ରହିଛି। ପ୍ରାକୃତିକ ଦୃଶ୍ୟରାଜି ପାଇଁ ଏହି ସହରକୁ ବିଭିନ୍ନ ଦେଶରୁ ପର୍ଯ୍ୟଟକଙ୍କର ବର୍ଷତମାମ ସମାଗମ ଲାଗି ରହିଥାଏ। ଅନ୍ୟପକ୍ଷରେ ଭାଟିକାନ୍ ସିଟି ହେଉଛି ସବୁଠାରୁ କ୍ଷୁଦ୍ରତମ ଦେଶ। ଖ୍ରୀଷ୍ଟିଆନ୍ ଧର୍ମଗୁରୁ ପୋପ ଏଠାରେ ରହନ୍ତି। ସବୁଠାରୁ ଖାସ୍ କଥା ହେଲା, ରୋମ୍ ସହର ଭିତରେ ଭାଟିକାନ ସିଟି ଅବସ୍ଥିତ।



# ଆ ଇ ନା



ଶିବାନ୍ୟା ପ୍ରିୟଦର୍ଶିନୀ
୭ ବର୍ଷ / ଭୁବନେଶ୍ୱର




ଦିବ୍ୟାଂଶୀ ଡାଙ୍ଗୁଆ
୫ ବର୍ଷ / ଭଦ୍ରକ